# ମହାଜନ

ମିଥ୍ୟାବଦୀ ପ୍ରବଞ୍ଚକ କପଟ ଆଚାରୀ,
ଅଳଂକାର ବିମଣ୍ଡିତ ଉଚ୍ଚ ପଦଧାରୀ ।
ପରମୁଣ୍ଡ ପିଟି କରେ ବିଭବ ଅର୍ଜନ,
ତହିଁପାଇଁ କରେ ନାନା କୌଶଳ ସର୍ଜନ ।

ଧନଲୋଭେ ନାଶୁଥାଏ ନିରୀହଙ୍କ ପ୍ରାଣ,
ଉତ୍କୋଚର ବଳେ ପାଏ ବାରମ୍ବାର ତ୍ରାଣ ।
ବେଠିଆ ବଳରେ କରି ପ୍ରସ୍ତୁତ ପ୍ରାସାଦ,
ସୁଖେ ଭୋଗ କରୁଥାଏ କମଳାପ୍ରସାଦ ।

ମୁକ୍ତକଣ୍ଠେ ସର୍ବେ ତାକୁ ବୋଲ ମହାଜନ,
ତଥାପି ସେ ଲୋକ ନୁହେ ସେ ପଦଭାଜନ ।
ସତ୍ୟବାଦୀ ସୁଚରିତ୍ର ବିଶୁଦ୍ଧ ଆଚାରୀ,
ସୁଲଭ ବସନ ତୃପ୍ତ ଅପଦ-ଭିଖାରୀ ।

ପରଦୁଃଖ ହରି କରେ ଆଶିଷ ଅର୍ଜନ,
ତହିଁ ପାଇଁ କରେ ନାନା ଉପାୟ ସର୍ଜନ ।
ପ୍ରାଣ-ଆଶା ତେଜି ରଖେ ବିପନ୍ନର ପ୍ରାଣ,
ସତ୍‌ସାହସେ ପାଉଥାଏ ବିପଦରୁ ତ୍ରାଣ ।

ନ୍ୟାୟପଥେ ଅର୍ଜି କରେ କୁଟୀରେ ନିବାସ,
ପର ପରସାଦ ଲୋଭେ ନ କରେ ପ୍ରୟାସ ।
ନ କର ତାହାକୁ ପଛେ କେହି ସଭାଜନ,
ଜଗତରେ ସେହି ଲୋକ ଏକା ମହାଜନ ।